

## ଫ୍ଲାଟ୍ ଭଡ଼ା ନାଁରେ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୭।୪ (ସମିସ): ଫ୍ଲାଟ ଭଡ଼ା ଦେବା ଆଳରେ ଠକେଇ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଲୁଚରଣ ପାର୍କ ଅଞ୍ଚଳରେ ରହୁଥିବା କଣାସ ଅଞ୍ଚଳର ଅଜୟ କୁମାର ସାହୁ (୩୪)। ପୁଲିସ ସୂଚନା ଅନୁଯାୟୀ, ସମ୍ବିତ କୁମାର ସ୍ୱାଇଁ ଓ ତାଙ୍କର ଅନ୍ୟ



୨ ଜଣ ବନ୍ଧୁ ଭଡ଼ାରେ ରହିବା ପାଇଁ ଫ୍ଲାଟ ଆବଶ୍ୟକ ଥିବାରୁ ସେ ଅଜୟକୁ ଯୋଗାଯୋଗ କରିଥିଲେ। ଅଜୟ ସେମାନଙ୍କୁ ପଥରଗାଡ଼ିଆଛକ କେଲୁଚରଣ ପାର୍କ ନିକଟରେ ଥିବା ରାଜ ବାଟିକା ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ ଦେଖାଇବା ପରେ ସମ୍ବିତ ଓ ତାଙ୍କ ବନ୍ଧୁଙ୍କୁ ପସନ୍ଦ ଆସିଥିଲା। ଏହା ପରେ ସମ୍ବିତ ଅନ୍‌ଲାଇନ୍ ଦେଣନେଣ ଜରିଆରେ ଫ୍ଲାଟ୍ ଭଡ଼ା ବାବଦକୁ ଅଗ୍ରୀମ ୩୩ ହଜାର ଟଙ୍କା ଦେଇଥିଲେ। ମାତ୍ର ଅଜୟ ଟଙ୍କା ପାଇବା ପରେ ଉକ୍ତ ଫ୍ଲାଟକୁ ଭଡ଼ା ଦେଇନଥିଲା। ଏମିତିକି ଅଗ୍ରୀମ ବାବଦ ଟଙ୍କା ଫେରସ୍ତ କରିନଥିଲା। ସମ୍ବିତ ଏ ନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚୋରା ମଦ ବେପାରୀ ଗିରଫ

ନନ୍ଦନକାନନ, ୭।୪ (ସମିସ): ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ନରାଜ ଗ୍ରାମର





ଦେବରାଜ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ବାରଙ୍ଗ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ନରାଜରେ ଥିବା ହନୁମାନ ମନ୍ଦିର ପଛ ପଟେ ଦେଶୀ ମଦ ବିକ୍ରୟ କରୁଥିବା ଜାଣିବାକୁ ପାଇ ପୁଲିସ ଚଢ଼ଉ କରିଥିଲା। ତଲାସି ବେଳେ ତା' ଠାରୁ ଗୋଟିଏ ନାଲି ରଙ୍ଗର ରବର ବ୍ଲାଡାରରେ ଥିବା ପ୍ରାୟ ୨୦ ଲିଟର ଦେଶୀ ମଦ ମିଳିଥିଲା।

## ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର ନିଶା

# ଅପରାଧୀ ପାଲଟୁଛନ୍ତି ଯୁବପିଢ଼ି

ଭୁବନେଶ୍ୱର, ୭।୪ (ସମିସ):

ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର ନିଶା ଏବେ ଯୁବପିଢ଼ିଙ୍କୁ ଅପରାଧ ଆଡ଼କୁ ଟାଣି ନେଉଛି। ଖୁବ୍‌ଶୀଘ୍ର ନିଜର ୟୁଟ୍ୟୁବ୍ ଚ୍ୟାନେଲର ଭ୍ୟୁ ଏବଂ ସବ୍‌ସ୍କ୍ରାଇବ ବଢ଼ାଇବା ପାଇଁ ସେମାନେ ଯେକୌଣସି

### ଟଙ୍କା ପାଇବା ବଦଳରେ ଯାଉଛନ୍ତି ଜେଲ

### ପୁଲିସ ନଜରରେ ୨୬୦ ୟୁ-ଟ୍ୟୁବ୍ ଚ୍ୟାନେଲ୍

### ଖୁବ୍ ଶୀଘ୍ର ପୁଲିସ ଆଣିବ ଗାଇଡ୍‌ଲାଇନ୍

ପନ୍ଥାକୁ ଆପଣାଉଛନ୍ତି। ଶେଷରେ ଆଇଟି ଆକ୍ଟକୁ ଉଲ୍ଲଙ୍ଘନ କରି ଜେଲ୍ ଯାଉଛନ୍ତି। ଯୁବପିଢ଼ି କଠିନ ପରିଶ୍ରମ ନକରି ସହଜରେ ୟୁଟ୍ୟୁବ୍‌ରୁ ଟଙ୍କା ରୋଜଗାର କରିବା ସେମାନଙ୍କ ପାଇଁ କାଳ ହେଉଛି। ଯାହାକି ଗତ କିଛିଦିନ ହେବ ଓଡ଼ିଶାର ବିଭିନ୍ନ ଜିଲ୍ଲା ଠାରୁ ଆରମ୍ଭ କରି ଭୁବନେଶ୍ୱରରେ ଦେଖିବାକୁ ମିଳିଛି। କିଏ ପଶୁପକ୍ଷୀଙ୍କ ସହ ଭିଡିଓ, ଫଟୋ ଉଠାଇ ୟୁଟ୍ୟୁବ୍‌ରେ ଛାଡ଼ି ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଉଲ୍ଲଙ୍ଘନ କରୁଥିବା ବେଳେ ଆଉ କିଏ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ କରି ଗିରଫ ହେଉଛନ୍ତି। ଅନେକ ମଧ୍ୟ ବିପଦପୂର୍ଣ୍ଣ ଷ୍ଟଣ୍ଟ, ଖଣ୍ଡା, ବନ୍ଧୁକ ଚାଳନା କରି ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରି ଗିରଫ



ହେଉଛନ୍ତି। ଅନେକ ମଧ୍ୟ ୟୁଟ୍ୟୁବ୍‌ରେ ଦେଶ ତଥା ରାଜ୍ୟର ସମ୍ବେଦନଶୀଳ ଘଟଣା ଉପରେ ଭୁଲ ତଥ୍ୟ ଦେଇ ରାତିଆରାତି ଫେମସ୍ ହେଉଯାଉଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ ସେମାନେ ଆଇଟିଆକ୍ଟରେ ଗିରଫ ହେଉଛନ୍ତି। ଏଭଳି ଭାବେ ଆଇଟି ଆକ୍ଟକୁ ଉଲ୍ଲଙ୍ଘନ କରୁଥିବା ୨୬୦ ୟୁଟ୍ୟୁବ୍ ଚ୍ୟାନେଲ୍ ଏବେ ପୁଲିସ ନଜରରେ ରହିଛି। ସେମାନଙ୍କ ସମ୍ପର୍କରେ ତଥ୍ୟ ପୁଲିସ ୟୁଟ୍ୟୁବ୍ ଅଫିସ୍‌କୁ ମାଗିଛି।

### ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି

ଏବେ କିଛି ୟୁଟ୍ୟୁବ୍‌ର ଶିକ୍ଷା ସମ୍ପର୍କରେ ତଥ୍ୟ ଏବଂ ସୂଚନା ଦେବାକୁ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଛନ୍ତି। କିନ୍ତୁ ସେମାନେ ଏହି ଚ୍ୟାନେଲକୁ ରାତାରାତି ଲୋକପ୍ରିୟ କରିବା ପାଇଁ ମିଛ ତଥ୍ୟ ଦେଉଛନ୍ତି। ଯାହାକି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ସହ ସମାନ। ଏହିଭଳି ଗତକାଲି ସାଇବର ଥାନା ପୁଲିସ ପ୍ରଶ୍ନ ପତ୍ର ଭାଇରାଲ ମାମଲାରେ ଯାଜପୁର ଟାଉନ୍‌ରେ ଗୋପୀନାଥଜିଉ ନୋଡାଲ୍ ଉପ୍ରା ବିଦ୍ୟାଳୟର ଶିକ୍ଷକ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା।

### ■ ଖଣ୍ଡା, ବନ୍ଧୁକ ଚାଳନା ଭିଡିଓ ଭାଇରାଲ

ଅନେକ ବ୍ୟକ୍ତି ଏବଂ ଗ୍ୟାଙ୍ଗ୍ ରାତାରାତି ଭାଇରାଲ ହେବା ଲକ୍ଷ୍ୟରେ ଖଣ୍ଡା ବୁଲାଇ ଏବଂ ବନ୍ଧୁକ ଚାଳନା କରି ୟୁଟ୍ୟୁବ୍‌ରେ ଛାଡୁଛନ୍ତି। ଏହି ଭିଡିଓ କରିବା ସମୟରେ ସହରସାରା ଆତଙ୍କ କରୁଛନ୍ତି। ଏହି ଭିଡ଼ିଓ ଛାଡ଼ିବା ମାତ୍ରେ ଭାଇରାଲ ହୋଇଯାଉଛି। ଲୋକେ ଏହାକୁ ଦେଖି ଭୟଭିତ ହେଉଛନ୍ତି। ଶେଷରେ ଆଇଟି ଆକ୍ଟର ଉଲ୍ଲଙ୍ଘନ କରି ଗିରଫ ହେଉଛି। କେବଳ ଖଣ୍ଡା ନୁହେଁ ବିପଦପୂର୍ଣ୍ଣ ଭାବେ ବାଇକ୍ ଷ୍ଟଣ୍ଡ ଏବଂ ରେଳଲାଇନ୍‌ରେ ଭିଡ଼ିଓ କରି ବନ୍ଧା ହେଉଛନ୍ତି।

### ମାଙ୍କଡ଼ ଏବଂ ସାପ ସହ ଭିଡିଓ କରି ଗିରଫ

ଏହିଭଳି ଟଙ୍କା ରୋଜଗାର କରିବା ଓ ଭ୍ୟୁୟର୍ସ ବଢ଼ାଇବା ପାଇଁ କିଛି ଲୋକ ମାଙ୍କଡ଼ ଏବଂ ସାପ ସହ ଭିଡିଓ କରି ୟୁଟ୍ୟୁବ୍‌ରେ ଛାଡୁଛନ୍ତି। ଲୋକେ ଏହାକୁ ଦେଖି ମଜା ନେଉଥିବାରୁ ଚ୍ୟାନେଲର ଭ୍ୟୁୟର୍ସ ବଢୁଛି। ଯେଉଁଥି ପାଇଁ ଭିଡିଓ ଛାଡ଼ିଥିବା ବ୍ୟକ୍ତି ଟଙ୍କା ରୋଜଗାର କରୁଛି। ନିକଟରେ ସାପ ଧରାଳି ମିର୍ଜା ଆରିଫ ଭିଡିଓ ଛାଡ଼ି ଗିରଫ ହୋଇଥିବା ବେଳେ ଯାଜପୁରର ମୋନାଲିସା ଭଦ୍ରା ଏବଂ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ମାଡ଼ଙ୍କ ସହ ବିଭିନ୍ନ ଭିଡିଓ ୟୁଟ୍ୟୁବ୍‌ରେ ଛାଡ଼ି ଗିରଫ ହୋଇଥିଲେ। ଏହିଭଳି ଅନେକ ବ୍ୟକ୍ତିମଧ୍ୟ ପଶୁପକ୍ଷୀଙ୍କ ସହ କରି ଛାଡୁଛନ୍ତି। ସେମାନେ ଏବେ ବନ୍ୟବିଭାଗ ସ୍କାନର୍‌ରେ ଅଛନ୍ତି।



### ■ ରୋଷ୍ଟିଂ କରି ଚରିତ୍ର ସଂହାର

ଏବେ ୟୁଟ୍ୟୁବ୍‌ରେ ଏକାଧିକ ଯୁବକ ଏବଂ ମହିଳା ରୋଷ୍ଟିଂ କରୁଛନ୍ତି। ପରସ୍ପର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚରିତ୍ର ସଂହାର କରୁଛନ୍ତି। ଯେଉଁଥି ପାଇଁ ଏହା ପ୍ରଭାବ ଛୋଟ ଛୋଟ ପିଲାଙ୍କ ଉପରେ ପଡୁଛି। ତେଣୁ ଏନେଇ ମଧ୍ୟ ଭଦ୍ରକରେ ଜଣେ ରୋଷ୍ଟିଂ କରୁଥିବା ଯୁବକ ବନ୍ଧୁକ ଚାଳନା ମାମଲାରେ ଗିରଫ ହୋଇଥିଲେ।

## ବାପା ଗାଳି ଦେବାରୁ ମା' ଲୁଗାରେ ଝୁଲି ପଡ଼ିଲା ପୁଅ

ଭୁବନେଶ୍ୱର, ୭।୪ (ସମିସ): ପାଠ ନପଢ଼ି ମୋବାଇଲ୍ ଘାଣ୍ଟୁ ଥିଲା ପୁଅ। ବାପା-ମା' ତାଗିଦ୍ କରି ଗାଳିଦେବାରୁ ବେକରେ ମା'ର ଲୁଗାକୁ ବାନ୍ଧି ଝୁଲିପଡ଼ିଲା। ଏଭଳି ଦୁଃଖଦ ଘଟଣା ଭରତପୁର ଥାନା କଳିଙ୍ଗନଗର କେ-୩ରେ ଦେଖିବାକୁ ମିଳିଛି। ମୃତ ଛାତ୍ର ଜଣଙ୍କ ହେଲେ ଶୁଧାଂଶୁ ଭୂଷଣ ଜେନାଙ୍କ ପୁଅ ଶୁଭମ୍ ଜେନା(୧୬)। ଖବର ପାଇ ପୁଲିସ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

ପୁଲିସ ସୂଚନା ଅନୁସାରେ, ଶୁଭମ୍ ନବମ ଶ୍ରେଣୀରେ ପାଠ ପଢୁଥିଲେ। ସେ ଅଧିକାଂଶ ସମୟ ମୋବାଇଲ୍ ଧରନ୍ତି। କିନ୍ତୁ ଗତକାଲି ରାତି ୯ଟା ସମୟରେ ସେ ମୋବାଇଲ ଘାଣ୍ଟୁଥିବା ସମୟରେ ବାପା ଏବଂ ମା'ଦେଖି ପାଟି କରିଥିଲେ। ଏହି ଗାଳିପରେ ଶୁଭମ୍ କାନ୍ଦି କାନ୍ଦି ନିଜ ପାଠ ପଢ଼ା ରୁମ୍‌କୁ ଯାଇଥିଲେ। ସେଠାରେ କବାଟ ଦେଇ ବସିଥିଲେ। ବାପା, ମା ଖାଇବାକୁ ଡାକିଥିଲେ ମଧ୍ୟ ସେ ଆସିନଥିଲା। ବାପା, ମା' ଖାଇ ତାଙ୍କ ରୁମ୍‌ରେ ଶୋଇ ପଡ଼ିଥିଲେ। ଏହି ସମୟରେ ସେ ମା'ଙ୍କ ଲୁଗାକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳୁ ତାଙ୍କ ବାପା କବାଟ ବାଡ଼େଇ ଡାକିଥିଲେ ମଧ୍ୟ ଶୁଭମ୍ ଖୋଲିନଥିଲେ। ଶେଷରେ ବାପା ପୁଲିସ ଡାକି କବାଟ ଲକ୍ ତାଡିବା ପରେ ଝୁଲନ୍ତା ଅବସ୍ଥାରେ ଶୁଭମର ମୃତଦେହ ମିଳିଥିଲା। ଏବେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ପରିବର୍ତ୍ତେ ଅଧିକାଂଶ ସମୟ ମୋବାଇଲ୍‌ରେ ସମୟ ଅତିବାହିତ କରୁଛନ୍ତି। ବାପା, ମା' ଏହାକୁ ବିରୋଧ କଲେ ସେମାନେ ମାନସିକ ଭାରସ୍ୟାମ ହରାଇ ଆତ୍ମହତ୍ୟା କରୁଛନ୍ତି। ତେଣୁ ଛୋଟ ଛୋଟ ପିଲା ଏଭଳି ନକରି ବାପା, ମା'ଙ୍କ କଥା ମାନିବାକୁ ପୁଲିସ ସଚେତନ କରିଛି।



## ବ୍ରାଉନ୍‌ସୁଗର୍ ପାଇଁ ଟଙ୍କା ନଦେବାରୁ ଛୁରାମାଡ଼; ଜଣେ ଗିରଫ

ଭୁବନେଶ୍ୱର, ୭।୪(ସମିସ): ବ୍ରାଉନ୍‌ସୁଗର୍ ସେବନ ପାଇଁ ଟଙ୍କା ମାଗିଲେ, ଟଙ୍କା ନଦେବାରୁ ଯୁବକଙ୍କୁ ଛୁରା ମାଡ଼ କଲେ। ସହିଦନଗର ଥାନା ଶାନ୍ତିପଲ୍ଲୀ ବସ୍ତି ଲେବଲ କ୍ରସିଂ ନିକଟରେ ଏଭଳି ଘଟଣା ଘଟିଛି। ଏହି କାଣ୍ଡ ଭିଆଇଥିବା ଅଭିଯୁକ୍ତ ଲିପୁନ ଓରଫ୍ ସତ୍ୟପ୍ରକାଶ ସ୍ୱାଇଁଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ପୁଲିସ ସୂଚନା ଅନୁସାରେ, ଗତମାସ ୨୫ ତାରିଖ ରାତିରେ ଶାନ୍ତନୁ ବାରିକ ଶାନ୍ତି ପଲ୍ଲୀ ବସ୍ତି ଲେବଲ କ୍ରସିଂ ଦେଇ ଘରକୁ ଫେରୁଥିଲେ। ସେହି ସମୟରେ ଲିପୁନ ଓ ତା'ର ଜଣେ ସହଯୋଗୀ ତାଙ୍କୁ ନିକଟକୁ ଡାକିଥିଲେ। ଶାନ୍ତନୁ ପାଖକୁ ଯିବାପରେ ସେମାନେ ବ୍ରାଉନ୍‌ସୁଗର୍ ସେବନ କରିବା ପାଇଁ ଟଙ୍କା ମାଗିଥିଲେ। ସେ ମନା କରିବାରୁ ଦୁଇଜଣ ମିଶି ତାଙ୍କୁ ଗାଳିଗୁଲଜ କରିବା ସହ ଛୁରା ମାଡ଼ କରିଥିଲେ। ଏଥିରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଅଭିଯୁକ୍ତମାନେ ଶାନ୍ତନୁଙ୍କ ଠାରୁ ମୋବାଇଲ ଫୋନ୍ ଓ ପକେଟ୍‌ରେ ଥିବା ୨ ହଜାର ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ରବିବାର ଲିପୁନକୁ ଗିରଫ କରିବା ସହିତ ତା' ଠାରୁ ଶାନ୍ତନୁଙ୍କ ମୋବାଇଲ ଫୋନ ଜବତ କରିଥିଲା। ତଦନ୍ତ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।



## ଦାଦାବଟି ପାଇଁ ଫଳ ଦୋକାନୀଙ୍କୁ ଆକ୍ରମଣ; ୨ ଗିରଫ

ଭୁବନେଶ୍ୱର, ୭।୪ (ସମିସ): ଦାଦାବଟି ପାଇଁ ଫଳ ଦୋକାନୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଟିଆ ମଙ୍ଗଳା ସାହିର ପପୁ ଓରଫ୍ ଜ୍ଞାନେନ୍ଦ୍ର ନାୟକ (୨୯) ଓ ଭୋଇ ସାହିର ପୁରିଆ ଓରଫ୍ ପୁରୁଷୋତ୍ତମ ନାୟକ (୪୩)। ପୁଲିସ ସୂଚନା ଅନୁଯାୟୀ, ପଟିଆ ଷ୍ଟେସନ ରୋଡ୍‌ରେ ଫଳ ଦୋକାନ କରିଥିବା ପ୍ରମୋଦ ସ୍ୱାଇଁ ଗତ ଶୁକ୍ରବାର ଅପରାହ୍ଣରେ ଦୋକାନରେ ଥିବା ସମୟରେ ପପୁ ଓ ପୁରିଆ ସେଠାକୁ ଆସିଥିଲେ। ଧମକଚମକ ଦେବା ସହିତ ୫ହଜାର ଟଙ୍କା ଦାଦାବଟି ମାଗିଥିଲେ। ପ୍ରମୋଦ ବିରୋଧ କରିବାରୁ ଦୁଇଜଣ ଯାକ ମିଶି ତାଙ୍କୁ ଗାଳିଗୁଲଜ କରିବା ସହ ଫଳ ସବୁକୁ ରାସ୍ତାରେ ଫୋପାଡ଼ି ଦେଇଥିଲେ। ଏଥିସହିତ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲକୁ ନେଇଯାଇଥିଲେ। ପ୍ରମୋଦଙ୍କ ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



### ■ କାର୍‌କୁ ଧକ୍କା ଦେଲା ବସ୍

## ଅଳ୍ପକେ ବର୍ତ୍ତିଲେ ପରିବାରର ୭ ସଦସ୍ୟ

ଧଉଳି, ୭।୪ (ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ କୌଶଲ୍ୟାଗଙ୍ଗ ଫାଣ୍ଡି କେଇସି କଲେଜ ନିକଟରେ ଏକ କାର ଓ ଯାତ୍ରୀବାହୀ ବସ ମଧ୍ୟରେ ଧକ୍କା ହୋଇଛି। ବସ୍‌ଟି କାରକୁ ପଛପଟୁ ଧକ୍କା ଦେବାରୁ କାରର ପଛପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ ମଧ୍ୟ ଏଥିରେ ବସିଥିବା ପରିବାରର ୭ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନୁଗୁଳ ଜିଲ୍ଲାରୁ ଗୋଟିଏ ପରିବାରର ୭ ଜଣ ସଦସ୍ୟ ଏକ କାର ଯୋଗେ ପୁରୀ ବୁଲିବାକୁ ଆସିଥିଲେ। ପୁରୀ ବୁଲି ସାରି ସେମାନେ ଘରକୁ ଫେରୁଥିବା ବେଳେ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ଟାରେ ପଦ୍ମାବତୀ ନାମକ ଏକ ଯାତ୍ରୀବାହୀ ବସ ଉକ୍ତ କାର୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାରରେ ବସିଥିବା ଚାଳକ ସମେତ ୭ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେହିପରି ବସ୍‌ଟି ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିବା ବେଳେ ତାକୁ ସ୍ଥାନୀୟ ଉତ୍ତରା ଛକରେ ଜବତ କରି ପୁଲିସ ଜିମା ଦେଇଥିଲେ। କୌଶଲ୍ୟାଗଙ୍ଗ ଫାଣ୍ଡି ଦୁର୍ଘଟଣା ଗ୍ରସ୍ତ ୨ ଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## କମୁନି ମଦ୍ୟପ ଚାଳକଙ୍କ ପ୍ରାଦୁର୍ଭାବ

ଭୁବନେଶ୍ୱର, ୭।୪(ସମିସ): ରାଜଧାନୀରେ ମଦ୍ୟପ ଚାଳକଙ୍କ ପ୍ରାର୍ଦୁଭାବ କମୁନି। କମିସନରେଟ ପୁଲିସ ପକ୍ଷରୁ ଜାରି ରହିଥିବା ମଦ୍ୟପ ଚାଳକଙ୍କ ବିରୋଧରେ ଧରପଗଡ଼କୁ ଆହୁରି ଶାଣିତ କରାଯାଇଛି। ଶନିବାର ରାତିରେ ପୁଣି ୬୧ଜଣ ମଦ୍ୟପ ଚାଳକ ଧରାପଡ଼ିଛନ୍ତି। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଜବତ ହୋଇଥିବା ୬୧ଟି ଗାଡ଼ିରୁ ୫୭ଟି ଦାମୀ ଗାଡ଼ି ରହିଛି। ଏଥିରେ ବିଏମ୍‌ଡବ୍ଲ୍ୟୁ, ଅଡି, ମର୍ସିଡିଜ, ସ୍କର୍ପିଓ, ଥର, ଟାଟା ହାରିଅର, ଏମ୍‌ଜି ହେକ୍ଟର, କିଆ ସେଲଟସ, ଟୟୋଟା, ହୋଣ୍ଡାସିଟି ଭଳି ଦାମୀଗାଡି ଓ ବାଇକ ବି ରହିଛି। ଟ୍ରାଫିକ-୧ରେ ୮ଟି ମାମଲା, ଟ୍ରାଫିକ-୨ରେ ୧୫ଟି, ଲକ୍ଷ୍ମୀସାଗର ୯ଟି, ଚନ୍ଦ୍ରଶେଖରପୁର ୫ଟି, ଭରତପୁର ୪ଟି, ଖଣ୍ଡଗିରି, ଧଉଳି, ଇନ୍‌ଫୋସିଟିରେ ୩ଟି ଲେଖାଏଁ, ତମାଣ୍ଡୋ ୨ଟି, ଖାରବେଳନଗର, କ୍ୟାପିଟାଲ, ଏୟାରଫିଲ୍ଡ, ବାଲିଅନ୍ତା ଓ ପାହାଳ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି। ରାଜଧାନୀର ସମସ୍ତ ଅଞ୍ଚଳରେ ନାକାବନ୍ଦୀ କରି ଯାଞ୍ଚ କରାଯାଇଥିଲା। ସମସ୍ତ ଗାଡିକ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଏଥିରେ୧୫ ପ୍ଲାଟୁନ ପୁଲିସ ଫୋର୍ସ ଓ ୫୦ଜଣ ଟ୍ରାଫିକ ପୁଲିସ ନିୟୋଜିତ ରହିଥିଲେ।

**ପୁଣି ଧରାପଡ଼ିଲେ ୬୧ ଚାଳକ**

## ପରୀକ୍ଷା ମାର୍କ ବଢ଼ାଇ ଦେବାକୁ ମାଗୁଛନ୍ତି ଟଙ୍କା

ଭୁବନେଶ୍ୱର, ୭।୪ (ସମିସ): ପରୀକ୍ଷାରେ ମାର୍କ ବଢ଼ାଇ ଦେବାକୁ କହି ସାଇବର୍ ଠକ ଟଙ୍କା ମାଗୁଛନ୍ତି। ଗତ କିଛିଦିନ ତଳେ ବାଲେଶ୍ୱରରୁ ଏଭଳି ଘଟଣା ପଦାକୁ ଆସିଥିବା ବେଳେ ଏବେ ରାଜଧାନୀରୁ ଆସିଛି। ଏନେଇ ସାଇବର ଥାନାରେ ଏକାଧିକ ଅଭିଯୋଗ ହୋଇଛି। ଏହିଭଳି କାହା ଠାରୁ ୫ହଜାର କାହା ଠାରୁ ୧୦ ହଜାର ଏହିଭଳି ଟଙ୍କା ଲୁଟି ନେଉଛନ୍ତି।






# ମନଇଚ୍ଛା ବଢ଼ୁଛି ଭୁବନେଶ୍ୱର-କୋଲକାତା ବସ୍ ଭଡ଼ା

## ଅଧିକ ନେଉଛନ୍ତି ୩ରୁ ୪ଶହ

ଭୁବନେଶ୍ୱର, ୭।୪ (ସମିସ):

ମନଇଚ୍ଛା ଭଡ଼ା ବୃଦ୍ଧି କରୁଛନ୍ତି ଘରୋଇ ବସ୍। ଶୋଷଣର ଶିକାର ହେଉଛନ୍ତି ଯାତ୍ରୀ। ବସ୍ କର୍ମଚାରୀଙ୍କ ପାଟିରୁ ବାହାରୁଥିବା ଭଡ଼ା ଦେବାକୁ ଯାତ୍ରୀ ବାଧ୍ୟ। ନଦେଲେ ଟିକଟ ମିଳିବନି। ଭୁବନେଶ୍ୱରରୁ କୋଲକାତା ଯିବାକୁ ଅପେକ୍ଷାରତ ଯାତ୍ରୀମାନେ ଟିକଟ୍ ଖଣ୍ଡେ ପାଇଁ ଭୋଗୁଛନ୍ତି ନାହିଁ ନଥିବା ଅସୁବିଧା। ନିର୍ଦ୍ଧାରିତ ଭଡ଼ା ଠାରୁ ୩ ରୁ ୪ଶହ ପର୍ଯ୍ୟନ୍ତ ଅଧିକ ଭଡ଼ା ଗଣୁଛନ୍ତି। ଲୋକ ଅଧିକ ହେଉଥିବାରୁ ସିଟ୍ ମିଳୁନାହିଁ। ତେଣୁ ଭଡ଼ା ବଢ଼ିଥିବା କହୁଛନ୍ତି କର୍ମଚାରୀ।

ଭୁବନେଶ୍ୱରରୁ କୋଲକାତା ୪୭୨ କିଲୋମିଟର। ଏକ୍ସପ୍ରେସ୍ ବସ୍ ମଧ୍ୟରେ ଷ୍ଟାଣ୍ଡାର୍ଡ ଏସି ପାଇଁ ୦.୯୨ଟଙ୍କା, ଡିଲକ୍ସ ଏସି ଓ ଡିଲକ୍ସ ଏସି ସ୍ଲିପର ପାଇଁ କିଲୋମିଟର ପିଛା ୧.୫୫ ଟଙ୍କା ଭଡ଼ା ସରକାର ନିର୍ଦ୍ଧାରିତ କରିଛନ୍ତି। ଏହି ଅନୁସାରେ ଡିଲକ୍ସ ଏସି ବସ୍‌ରେ ଯିବାପାଇଁ ପ୍ରାୟ ୭୩୨ ଟଙ୍କା ପଡୁଛି। ହେଲେ ଟିକଟ ପିଛା ହଜାରେରୁ ୧୧ଶହ ଟଙ୍କା ଯାତ୍ରୀଙ୍କୁ ଦେବାକୁ ପଡୁଛି। ବର୍ଦ୍ଧିତ ଭଡ଼ା ସମ୍ପର୍କରେ ପଚାରିଲେ ବାବା ସାହେବ ଆମ୍ବେଦକର୍

### ଶୋଷଣର ଶିକାର ହେଉଛନ୍ତି ଯାତ୍ରୀ
### ବିଭାଗ ପାଖରେ ଖବର ନାହିଁ
### ଯାଞ୍ଚ କରି ନିଆଯିବ କାର୍ଯ୍ୟାନୁଷ୍ଠାନ; ଅତିରିକ୍ତ ପରିବହନ କମିସନର

ବସ୍ ଟର୍ମିନାଲ୍(ବିଏସ୍‌ଏବିଟି)ରେ ଟିକଟ କାଟୁଥିବା କର୍ମଚାରୀମାନେ କହୁଛନ୍ତି, ଆଗକୁ ଇଦ୍ ପର୍ବ ରହିଛି। ଏଣୁ ବହୁ ଯାତ୍ରୀ କୋଲକାତା ଯାଉଛନ୍ତି। ସେହି ଅନୁସାରେ ସିଟ୍ ଉପଲବ୍ଧ ନ ଥିବାରୁ ଭଡ଼ା ବଢ଼ିଛି। ଦିନରେ ଟିକଟ ନକଲେ ରାତିରେ ଆହୁରି ଶହେ ଟଙ୍କା ଅଧିକ ପଡ଼ିବ। ସବା ପଛରେ ବସିଲେ ୯ଶହ ଟଙ୍କାରେ ଟିକଟ ମିଳିଯିବ ବୋଲି କହୁଛନ୍ତି। ଦେବାଶିଷ ପ୍ରଧାନ ନାମକ ଜଣେ ଯାତ୍ରୀ ୧୧ଶହ ଟଙ୍କା ଅଧିକ ହୋଇଯାଉଥିବା କହି ଟିକିଏ କମ୍ କରିବାକୁ କହିବାରୁ ସେ କହିଛନ୍ତି, ଅନ୍‌ଲାଇନ୍‌ରେ ଟିକଟ କଲେ ୧୬ଶହ ଟଙ୍କା ପଡୁଛି। 'ରେଡ୍ ବସ୍' ମୋବାଇଲ୍ ଆପ୍ ଅନ୍ କରି ସେ ପ୍ରମାଣ ସ୍ୱରୂପ ଦେଖାଇଛନ୍ତି। ତେଣୁ ବାଧ୍ୟବାଧକତାରେ ବର୍ଦ୍ଧିତ ଦରରେ ଯାତ୍ରୀମାନେ ଟିକଟ କରୁଛନ୍ତି।

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଓ ନନ୍ଦିଗ୍ରାମ ଅଞ୍ଚଳରୁ ବହୁ ନିର୍ମାଣ ଶ୍ରମିକ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି। ଆଗକୁ ଇଦ୍ ପର୍ବ ସହ ସାଧାରଣ ନିର୍ବାଚନ ଅଛି। ତେଣୁ ସେମାନେ ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରୁଥିବା ଜଣେ ଶ୍ରମିକ ପ୍ରକାଶ କରିଛନ୍ତି। ଟ୍ରେନ୍‌ରେ ଟିକଟ ମିଳିଲାନି, ତେଣୁ ବସ୍‌ରେ ଯିବାକୁ ସେ ବାଧ୍ୟ ହେଉଥିବା ମଧ୍ୟ ସେ କହିଛନ୍ତି। ସରକାର ନିର୍ଦ୍ଧାରିତ କରିଥିବା ବସ୍ ଭଡ଼ାକୁ ଘରୋଇ ବସ୍ ମାଲିକ ମାନୁନାହାନ୍ତି। ନିୟମିତ ଭାବେ ଏହାର ଯାଞ୍ଚ କରାଯାଉ ନଥିବାରୁ ଘରୋଇ ବସ୍ ମାଲିକମାନେ



ମନମାନୀ କରୁଥିବା ଆଉଜଣେ ଯାତ୍ରୀ ଶୁଭାଶିଷ ଓଝା ଅଭିଯୋଗ କରିଛନ୍ତି। ବର୍ଦ୍ଧିତ ଭଡ଼ା ସମ୍ପର୍କରେ ଅତିରିକ୍ତ ପରିବହନ କମିସନର ଲାଲମୋହନ ସେଠୀ କହିଛନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ପହଞ୍ଚି ନାହିଁ। ନିର୍ବାଚନ ପାଇଁ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ବସ୍ ଭଡ଼ା ବଢ଼ିଥିବା ସମ୍ପର୍କରେ ମଧ୍ୟ ଆଗକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## 'ପ୍ରୟାସ'ର ୧୭ତମ ପ୍ରତିଷ୍ଠା ଦିବସ



ନନ୍ଦନକାନନ, ୭।୪ (ସମିସ): ସାମାଜିକ ସେବା ସଂଗଠନ 'ପ୍ରୟାସ'ର ୧୭ତମ ପ୍ରତିଷ୍ଠା ଦିବସ ଲୋହିଆ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ୍ତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ନୀଳମଣି ମିଶ୍ର ଯୋଗ ଦେଇଥିଲେ। ଏଥିସହ ଅନୁଷ୍ଠାନର ସଭାପତି ବି ଚିରଞ୍ଜୀବ ରେଡ୍ଡୀ ସଭାପତିତ୍ୱ କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା ସଂଗଠନ ପରିବର୍ତ୍ତନ ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଓ ସ୍ୱେଚ୍ଛାସେବୀ ଅଭିମନ୍ୟୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମନ୍ମଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅରବିନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ଶୋକସଭା

ଭୁବନେଶ୍ୱର, ୭।୪ (ସମିସ): ଶନିବାର ଅନନ୍ତ ଆଶ୍ରମ, ତପୋବନଠାରେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଙ୍ଘର କାର୍ଯ୍ୟକାରିଣୀ ବୈଠକ ସମ୍ପାଦକ ସଞ୍ଜୟ ଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମହାସଂଘର ଉପଦେଷ୍ଟା ମହନ୍ତ ବନମାଳୀ ଦାସ ସଭାପତିତ୍ୱ କରିଥିଲେ। ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର କାର୍ଯ୍ୟକାରୀ ସଭାପତି ବାବା ପଞ୍ଚଦେବଙ୍କୁ ମହାସଙ୍ଘର ସର୍ବସମ୍ମତି କ୍ରମେ ସଭାପତି ପାଇଁ ମନୋନୀତ କରାଗଲା। ଉକ୍ତ ବୈଠକରେ ପଶ୍ଚିମ ଓଡ଼ିଶାର ସଂକୀର୍ତ୍ତନ ପରିଷଦର ପ୍ରଭାରୀ ରାଧାକୃଷ୍ଣ ପଣ୍ଡା, କଟକ ଜିଲ୍ଲା ଆଠଗଡ଼ର ଅଜୟ ଦାସ, ବାଙ୍କୀର ବିରଞ୍ଚି ନାରାୟଣ ସ୍ୱାଇଁ, ସଗଡ଼ାଇଲ-ନିଆଳୀର ଅରୀକ୍ଷିତ ସ୍ୱାଇଁ, ଗୋରାଚନ୍ଦ ସ୍ୱାଇଁ, ଜଗତସିଂହପୁରର ବାଲିକୁଦା ପବିତ୍ର ମୋହନ ସାଉ, ବସନ୍ତ ନାୟକ, କେନ୍ଦ୍ରାପଡ଼ା ପାଖଡ଼ ଦ୍ୱାରିକାନାଥ ସେନାପତି, ଖୋର୍ଦ୍ଧା ଭୁବନେଶ୍ୱରର ବଳରାମ ବେହେରା, ପ୍ରମୋଦ ଦାସ, ନୟାଗଡ଼ର ଗାଲେଖର ଗୋଚ୍ଛାୟତ ସାମିଲ ହୋଇଥିଲେ ବୋଲି ସାଧାରଣ ସମ୍ପାଦକ ସଞ୍ଜୟ ଦାସ ଓ ସଭାପତି ବାବା ପଞ୍ଚାଦେବ ସୂଚନା ଦେଇଥିଲେ।

## କ୍ରିଷ୍ଟାପୁରୀ ଆଞ୍ଚଳିକ ବିକାଶ ପରିଷଦର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର, ୭।୪ (ସମିସ): ରାଜଧାନୀ ଉପକଣ୍ଠ ମଳିପଡ଼ା ପଞ୍ଚାୟତର କ୍ରିଷ୍ଟାପୁରୀ କଲୋନୀ ଗୃହ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ପରିଷଦର ଅଧ୍ୟକ୍ଷ ଭାବେ ରମାକାନ୍ତ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକ, ଉପସଭାପତି ଭାବେ ଡଃ ନାରାୟଣ ସାହୁ ଓ କୃଷ୍ଣ ଚନ୍ଦ୍ର ରଣା ନିର୍ବାଚିତ ହୋଇଛନ୍ତି। ସେହିପରି ସହ ସମ୍ପାଦକ ଭାବେ ପ୍ରସନ୍ନ କୁମାର ପ୍ରଧାନ, ରତ୍ନାକର ସାହୁ, ଶ୍ୟାମ ପ୍ରସାଦ ମହାନ୍ତି, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି। ନୂତନ ଭାବରେ ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିବା ପରେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି।

## ରେଡ୍‌କ୍ରସ୍ ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ



ଭୁବନେଶ୍ୱର, ୭।୪ (ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରେଡ୍‌କ୍ରସ୍ ଭବନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ 'ମୋର ସ୍ୱାସ୍ଥ୍ୟ ମୋର ଅଧିକାର' ବିଷୟକୁ ନେଇ ଏହି ସଭା ଆୟୋଜିତ ହୋଇଯାଇଛି। ଓଡ଼ିଶା ରେଡ଼କ୍ରସର କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୁନିଅର ରେସକ୍ରସର ସ୍ୱେଚ୍ଛାସେବୀଙ୍କୁ ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। କ୍ୟାପିଟାଲ୍ ହସ୍ପିଟାଲ ଭୁବନେଶ୍ୱରର ସହକାରୀ ପ୍ରଫେସର ସମୀକ୍ଷା ନନ୍ଦ, ରେଡ୍‌କ୍ରସ୍ ଆଞ୍ଚଳିକ ରକ୍ତ କେନ୍ଦ୍ରର ମେଡିକାଲ ଅଫିସର ଡକ୍ଟର ପ୍ରଦୀପ କୁମାର ମହାରାଣା, ଖୋର୍ଦ୍ଧା ଜିଲ୍ଲାର ଜୁନିଅର ରେଡ୍‌କ୍ରସ୍ ଅଧିକାରୀ ତୋଫାନ କୁମାର ରାଉତରାୟ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭୁବନେଶ୍ୱରର ପ୍ରାୟ ଚାଳିଶିଟି ବିଦ୍ୟାଳୟରୁ ଆସିଥିବା ଜୁନିଅର ରେଡ୍‌କ୍ରସ୍‌ର କିଶୋରୀ ସ୍ୱେଚ୍ଛାସେବୀମାନଙ୍କୁ ନେଇ ମାସିକ ଋତୁସ୍ରାବ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପରେ କିଶୋରୀମାନଙ୍କୁ ସ୍ୱଚ୍ଛତା କିଟ୍ ବଣ୍ଟନ କରାଯାଇଥିଲା। ଜୁନିୟର ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲାବେଳେ ତୋଫାନ କୁମାର ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ରେଡ଼କ୍ରସ ଆଞ୍ଚଳିକ ରକ୍ତ କେନ୍ଦ୍ରର ପରାମର୍ଶଦାତା ଗୁଲଶନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦୀପ୍ତ କିଶୋର ଦାସଙ୍କ ପୁଣ୍ୟତିଥି

ଭୁବନେଶ୍ୱର, ୭।୪ (ସମିସ): ଶରତ କର ଓ ଅନିମା କର ଫାଉଣ୍ଡେସନ ଏବଂ ମାହାଙ୍ଗା ମୈତ୍ରୀ ମଞ୍ଚ ମିଳିତ ଆନୁକୂଲ୍ୟରେ ମାହାଙ୍ଗାର ପ୍ରାକ୍ତନ ବିଧାୟକ ତଥା ଓଡ଼ିଶାର ପୂର୍ବତନ ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ୍ତ କିଶୋର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଶହୀଦ ନଗର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେସନ ଅଧ୍ୟକ୍ଷ ଶୋଭନ କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ କବିୟତ୍ରୀ ତଥା ପ୍ରାକ୍ତନ ପ୍ରଧାପିକା ଡଃ ମନୋରମା ବିଶ୍ୱାଳ ମହାପାତ୍ର 'ନିର୍ଭୀକ' ପତ୍ରିକାର ଉତ୍କଳ ଦିବସ ସ୍ୱତନ୍ତ୍ର ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ନିର୍ଭୀକ' ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସ, ଯୁଥିକା କର, ସର୍ବଶ୍ରୀ ରୁଦ୍ର ନାରାୟଣ ସିଂହ, ଶ୍ରୀକାନ୍ତ କୁମାର ରାଉତ, ବିଜୟ କୁମାର ବେହେରା, ଅମୂଲ୍ୟ କୁମାର ସ୍ୱାଇଁ, ବିଜୟ କୁମାର ରଥ, ଆଲୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ୍ତ ଦାସଙ୍କ ସ୍ମୃତିରେ ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ। ଅମୂଲ୍ୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



■ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ

## 'ତପସ୍ୱିନୀ ଓ ଉତ୍ତର ରାମଚରିତ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୭।୪ (ସମିସ): ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି। ସ୍ମୃତି କମିଟିର ଅଧ୍ୟକ୍ଷ ସଞ୍ଜୀବ ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପବିତ୍ର ମୋହନ ନାୟକ, ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧରଙ୍କ ଜୀବନ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଫେସର୍ ପବିତ୍ର ମୋହନ ନାୟକଙ୍କୁ 'ଗଙ୍ଗାଧର ମେହେର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଯୁବ ଗବେଷକ ଡ. ସୁଶୀଳ କୁମାର ବାଗ୍‌ଙ୍କ




ରଚିତ 'ତପସ୍ୱିନୀ ଓ ଉତ୍ତର ରାମଚରିତ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ଗଙ୍ଗାଧରଙ୍କ ରଚନା ଉପରେ ଆଧାରିତ 'ଅମୃତ ସାଗର ବିନ୍ଦୁ' ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର କୁମାର ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ସ୍ମୃତି କମିଟିର ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଗଙ୍ଗାଧର ମେହେର ସ୍ମୃତି କମିଟି, ଭୁବନେଶ୍ୱର ଭୁଲିଆ ସମାଜ, ଉତ୍କଳ ସମ୍ମିଳନୀ, ବରଗଡ଼ିଆ ଆଟ୍ ଭୁବନେଶ୍ୱର, ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ ଏବଂ ଇଣ୍ଟରନ୍ୟାସନାଲ୍ ଥିଏଟର୍ ଭୁବନେଶ୍ୱରର ସଦସ୍ୟମାନେ ପରିଚାଳନା କରିଥିଲେ।

## ସମ୍ ଫୁଲନଖରାରେ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ସର୍ଜରୀ

ଭୁବନେଶ୍ୱର, ୭।୪ (ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା କ୍ୟାମ୍ପସ୍‌ରେ ଏକ ଡାକ୍ତରୀ ଟିମ୍ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ଏଣ୍ଡୋନାଜାଲ ପ୍ରକ୍ରିୟା ପ୍ରୟୋଗ କରି ୧୬ ବର୍ଷୀୟ ବାଳକର ନାକରୁ ଭାସ୍କୁଲାର ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ରୋଗୀ ଜଣକ ଖୁବ୍ କମ୍ ବୟସର ଥିବା ବେଳେ ଖୋଲା ଅସ୍ତ୍ରୋପଚାର ଦ୍ୱାରା ମୁହଁରେ ଦାଗ ରହିବା ସହ ବିକୃତ ହେବାର ମଧ୍ୟ ସମ୍ଭାବନା ରହିଥିଲା। ଏଣ୍ଡୋସ୍କୋପିକ୍ ଏଣ୍ଡୋନାଜାଲ ପ୍ରକିୟାରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଏହି ଅସ୍ତ୍ରୋପଚାର କରାଯାଇଥିଲା ବୋଲି ଏହି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବା ହସ୍ପିଟାଲ୍‌ର ଇଏନ୍‌ଟି ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ଖଗେଶ୍ୱର ରାଉତ କହିଛନ୍ତି।



ଭୁବନେଶ୍ୱର: ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

### ଆଶ୍ୱସ୍ତି ଆଣିଲା କାଳବୈଶାଖୀ

# ଦିନରେ ଘୋଡ଼େଇଲା, ସନ୍ଧ୍ୟାରେ ଭିଜେଇଲା



ଭୁବନେଶ୍ୱର, ୭।୪ (ସମିସ):

୪ଦିନର ଅସହ୍ୟ ଗରମ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ୪୩.୫ ଡିଗ୍ରୀ ଖରାରେ ଭାଜି ହୋଇଥିବା ଭୁବନେଶ୍ୱରବାସୀ ପ୍ରଥମ କାଳବୈଶାଖୀ ବର୍ଷାରେ ତାତିରୁ ତ୍ରାହି ପାଇଛନ୍ତି। ବର୍ଷା ସାଙ୍ଗକୁ ବିଜୁଳି ଘଡ଼ି ଘଡ଼ି ଓ ତୁହାକୁ ତୁହା ପବନ ମାଡ଼ ପୂରା ତତଲା ପରିବେଶକୁ ଥଣ୍ଡା କରି ଦେଇଛି। ପବନର ବେଗ ସମୟେ ସମୟେ ୮୦ କିମି ପର୍ଯ୍ୟନ୍ତ ଯାଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଜି ସୂର୍ଯ୍ୟଙ୍କ କିରଣ ଆଦୌ ପ୍ରଖର ନଥିଲା। ପୂର୍ବାହ୍ନରୁ ପାଗ କାଉଁଳିଆ ରହିଥିଲା। କିନ୍ତୁ ଅପରାହ୍ଣ ସାଢ଼େ ୪ଟା ବେଳକୁ ପବନ, ବର୍ଷା ଓ ଘଡ଼ିଘଡ଼ି ଆରମ୍ଭ ହୋଇଯାଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ହଠାତ୍ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ।

ବର୍ଷା ଓ ପବନ ବୃଦ୍ଧି ପାଇଥିଲା। ପ୍ରାୟ ଦୁଇ ଘଣ୍ଟାକାଳ ବର୍ଷା ଛେଚିଥିଲା। ଫଳରେ ରାସ୍ତାରେ ଯିବାଆସିବା କରୁଥିବା ଲୋକେ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଓଭରବ୍ରିଜ୍ ତଳ ଓ ସୁରକ୍ଷିତ ସ୍ଥାନ ଦେଖି ଆଶ୍ରୟ ନେଇଥିଲେ। ବର୍ଷା ସମୟରେ ବିଭିନ୍ନ ସ୍ଥାନରେ ଧୂଳିଝଡ଼ ଦେଖିବାକୁ ମିଳିଛି। ତେବେ ପ୍ରବଳ ଖରାରେ ସିଝିଥିବା ରାଜଧାନୀବାସୀଙ୍କୁ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଲୋକେ ତ୍ରାହିପାଇଛନ୍ତି। ଦିନସାରା ଆକାଶ ମେଘୁଆ ଥିବାବେଳେ ହଠାତ୍ ସନ୍ଧ୍ୟାରେ ବର୍ଷା ହେବା ଯୋଗୁଁ ସହରୀ ଲୋକଙ୍କ ଜୀବନଯାତ୍ରା ଅଚାନକ୍ ଠପ୍ ହୋଇଗଲା। ଯିଏ ଯେଉଁଠି ଥିଲେ ଅଟକି ଯାଇଥିଲେ। ବାଇକ୍ ଚାଳକମାନେ ପୂର୍ବରୁ ଅପ୍ରସ୍ତୁତ ଥିବାରୁ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଇଥିଲେ। ଅନ୍ୟପକ୍ଷରେ ୟୁନିଟ୍-୩, ଅଶୋକନଗର, ଲକ୍ଷ୍ମୀସାଗର, ଖଣ୍ଡଗିରି ଆଦି କିଛି ସ୍ଥାନରେ ପବନ ଯୋଗୁଁ ଗଛ ଭାଙ୍ଗି ପଡ଼ି ରାସ୍ତା ଅବରୋଧ ହୋଇଯାଇଥିଲା। ଏହାସହ ବାଣୀବିହାର, ରସୁଲଗଡ଼, ସିଆର୍‌ପି, ଖଣ୍ଡଗିରି, ବରମୁଣ୍ଡା, ରାଜମହଲ, ଏଜି ଛକ ଅଞ୍ଚଳରେ ବର୍ଷା ଛାଡ଼ିଯିବା ପରେ ଅଚାନକ ରାସ୍ତାରେ ଭିଡ଼ ହୋଇଯାଇଥିଲା। ବିଶେଷକରି ରସୁଲଗଡ଼ ଛକରୁ ପଳାଶୁଣୀ ପର୍ଯ୍ୟନ୍ତ ଗାଡ଼ି ଜାମ୍ ହୋଇଯାଇଥିବା ଦେଖିବାକୁ ମିଳିଥିଲା।

### ନିଷ୍କାସନ ହୋଇପାରିଲାନି ବର୍ଷା ଜଳ

### ଜାତୀୟ ରାଜପଥରେ ଫସିଲେ ପଥଚାରୀ

ଭୁବନେଶ୍ୱର, ୭।୪ (ସମିସ): ରବିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ବର୍ଷାରେ ତମାଣ୍ଡୋଠାରୁ ରସୁଲଗଡ଼ ପର୍ଯ୍ୟନ୍ତ ଫ୍ଲାଏଓଭର ଉପରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଲହଡ଼ି ମାରିଥିଲା। ଗତ କିଛି ଦିନ ଧରି ପାଗ ଶୁଖିଲା ଥିଲା। ଫଳରେ ଜାତୀୟ ରାଜପଥ କଡ଼ରେ ପାଣି ନିଷ୍କାସନ ପାଇଁ ଥିବା ପାଇପ୍‌ରେ ଧୂଳି, ବାଲି ଜମି ରହିଥିଲା। ଫଳସ୍ୱରୂପ ଅଚାନକ ଜୋର ବର୍ଷା ହେବା କାରଣରୁ ପାଣି ନିଷ୍କାସନ ହୋଇପାରିନଥିଲା। ଫଳରେ ବର୍ଷାରେ କାର୍, ବାଇକ୍ ଓ ଅଟୋ ନେଇ ଯାଉଥିବା ଲୋକମାନେ ଜାତୀୟ ରାଜପଥ ଉପରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇଥିଲେ। ଅନ୍ୟପକ୍ଷରେ ବର୍ଷା ଓ ପବନ ଦାଉ ସାଧୁଥିବାବେଳେ ରାସ୍ତାରେ ଏଭଳି ପାଣି ଜମିବାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଉପୁଜିଥିଲା। ଜଳ ନିଷ୍କାସନ ବ୍ୟବସ୍ଥା ନିୟମିତ ସଫା କରାଯାଉନଥିବାକୁ ନେଇ ଲୋକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏମିତିକି କିଛି ବରିଷ୍ଠ ନାଗରିକ ସେହି ପାଣିରେ ଗାଡ଼ି ନେଇ ଯିବାରୁ ଗାଡ଼ି ଚକ ଏପଟସେପଟ ହେବା ସହ ନିୟନ୍ତ୍ରଣ ବାହାରକୁ ଚାଲି ଯିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବର୍ଷା ଛାଡ଼ିବା ପରେ ଧୀରେ ଧୀରେ ପାଣି ନିଷ୍କାସନ ହୋଇଯାଇଥିଲା।



